# NATIONAL NEWS BULLETIN (ODIA)
## 9 September - 2025
## Morning Bulletin : 7.15 A.M.

***********************************

## ମୁଖ୍ୟ ସମ୍ବାଦ

- ଦେଶର ଉପରାଷ୍ଟ୍ରପତି ପଦ ନିମନ୍ତେ ଆଜି ଅନୁଷ୍ଠିତ ହେବ ନିର୍ବାଚନ ।
- ବନ୍ୟା ପ୍ରଭାବିତ ପଞ୍ଜାବ ଓ ହିମାଚଳ ପ୍ରଦେଶ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ।
- ସାମାଜିକ ଗଣମାଧ୍ୟମ ଉପରେ ଜାରି ପ୍ରତିବନ୍ଧକ ପ୍ରତ୍ୟାହାର କଲେ ନେପାଳ ସରକାର ।

– ଏହାକୁ ବିରୋଧ କରି ଗତକାଲି ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ସମୟରେ ୧୯ ମୃତ, ୩୦୦ରୁ ଅଧିକ ଆହତ ।

- ୮ ଦିନିଆ ଭାରତ ଗସ୍ତରେ ଆଜି ଆସିବ ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍ ।

ଏବଂ

- ଆଜିଠାରୁ ଆବୁଧାବିରେ ଆରମ୍ଭ ହେବ ସପ୍ତଦଶ ଏସିଆକପ୍ କ୍ରିକେଟ୍ ପ୍ରତିଯୋଗିତା ।

## ଭିପି-ଇଲେକ୍‌ସନ୍

ଆଜି ଦେଶର ଉପରାଷ୍ଟ୍ରପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ପକ୍ଷରୁ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଏବଂ ଇଣ୍ଡିଆ ମେଣ୍ଟ ପକ୍ଷରୁ ସୁପ୍ରିମ୍‌କୋର୍ଟ୍‌ର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ମୁକାବିଲା ହେବ ।

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପୂର୍ବରୁ ଇଲେକ୍ଟୋରାଲ୍ କଲେଜ୍ ଗଠନ ସରିଛି । ଏଥିରେ ସଂସଦର ଉଭୟ ଗୃହର ସଦସ୍ୟମାନେ ରହିଛନ୍ତି । ଗୁପ୍ତ ମତଦାନ ଜରିଆରେ ଇଲେକ୍ଟୋରାଲ୍ କଲେଜ୍‌ର ସଦସ୍ୟମାନେ ମତଦାନ କରିବେ । ଏକକ ସ୍ଥାନାନ୍ତରଣୀୟ ଭୋଟ୍ ମାଧ୍ୟମରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଦ୍ୱାରା ଏହି ପ୍ରକ୍ରିୟା ସମ୍ପନ୍ନ ହୋଇଥାଏ । ସମ୍ପୃକ୍ତ ସଦସ୍ୟମାନେ ନିଜ ଇଚ୍ଛା ମୁତାବକ ଯେକୌଣସି ପ୍ରାର୍ଥୀଙ୍କୁ ଭୋଟ୍ ଦେଇପାରିବେ, ଏଥିପାଇଁ କୌଣସି ଦଳୀୟ ହ୍ୱିପ୍ ବାଧ୍ୟବାଧକତା ହେବ ନାହିଁ । ପ୍ରତ୍ୟେକ ଭୋଟ୍‌ର ମୂଲ୍ୟ ସମାନ ରହିବ । ବର୍ତ୍ତମାନ ଲୋକସଭାରେ ୫୪୨ ଜଣ ଏବଂ ରାଜ୍ୟସଭାରେ ୨୩୯ ଜଣ ସଦସ୍ୟ ରହିଛନ୍ତି । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ୭୮୧ରୁ ୩୯୧ ଖଣ୍ଡ

ଭୋଟ୍ ପାଇଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବ । ଆଜି ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ । ସନ୍ଧ୍ୟା ୬ଟା ପରେ ଭୋଟ୍ ଗଣତି କରାଯିବ । ପ୍ରଥମଥର ପାଇଁ ନୂଆ ସଂସଦ ଭବନରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ ।

ସୂଚନା ଯୋଗ୍ୟ ଚଳିତ ବର୍ଷ ଜୁଲାଇ ମାସରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ଏହି ନିର୍ବାଚନ ହେଉଛି ।

## ପିଏମ୍-ସିପି ରାଧାକ୍ରିଷ୍ଣନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଉପରାଷ୍ଟ୍ରପତି ପଦ ପାଇଁ ସି.ପି. ରାଧାକ୍ରିଷ୍ଣନ୍‌ଙ୍କ ପ୍ରାର୍ଥୀତ୍ୱ ସାରା ଦେଶରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଲୋକମାନେ ବିଶ୍ୱାସ କରନ୍ତି ଯେ ଶ୍ରୀ ରାଧାକ୍ରିଷ୍ଣନ୍ ଜଣେ ସଫଳ ଉପରାଷ୍ଟ୍ରପତି ହେବା ସହ ତାଙ୍କ ଜ୍ଞାନ ଏବଂ ଅନ୍ତର୍ଦୃଷ୍ଟି ସହିତ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଆହୁରି ସମୃଦ୍ଧ କରିବେ ।

# ପିଏମ୍-ପଞ୍ଜାବ-ଏଚ୍‌ପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବନ୍ୟା ପ୍ରଭାବିତ ପଞ୍ଜାବ ଏବଂ ହିମାଚଳ ପ୍ରଦେଶ ଗସ୍ତ କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବେ । ଆଜି ଅପରାହ୍ଣରେ ପ୍ରଧାନମନ୍ତ୍ରୀ ହିମାଚଳ ପ୍ରଦେଶର କାଙ୍ଗରା ଜିଲ୍ଲା ଅନ୍ତର୍ଗତ ଧର୍ମଶାଳାରେ ପହଞ୍ଚିବେ । ସେଠାରେ ଶ୍ରୀ ମୋଦୀ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ବନ୍ୟା ଦ୍ୱାରା ପ୍ରଭାବିତ ସ୍ଥାନୀୟ ଲୋକମାନଙ୍କ ସହ ପ୍ରଧାନମନ୍ତ୍ରୀ କଥାବାର୍ତ୍ତା କରିବେ ବୋଲି ଜଣାପଡ଼ିଛି । ସେ ମଧ୍ୟ ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍. ଏବଂ ଆପଦା ମିତ୍ରଙ୍କ ସହ ତୃଣମୂଳ ସ୍ତରରେ ଚାଲିଥିବା ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବେ । ହିମାଚଳ ପ୍ରଦେଶର ବନ୍ୟା ଏବଂ ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ଶ୍ରୀ ମୋଦୀ ଆକାଶ ମାର୍ଗରୁ ନିରିକ୍ଷଣ କରିବେ ।

ହିମାଚଳ ପ୍ରଦେଶ ପରେ ପ୍ରଧାନମନ୍ତ୍ରୀ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ଆକାଶମାର୍ଗରୁ ନିରିକ୍ଷଣ କରିବେ । ଅପରାହ୍ଣ ୪ଟା ୧୫ ସମୟରେ ଶ୍ରୀ ମୋଦୀ ଗୁରୁଦାସପୁରରେ ପହଞ୍ଚିବା ପରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ଏବଂ ଏକ ଉଚ୍ଚସ୍ତରୀୟ ବୈଠକରେ କ୍ଷୟକ୍ଷତି ଆକଳନ ନେଇ ସମୀକ୍ଷା କରିବାର କାର୍ଯ୍ୟକ୍ରମ

ରହିଛି । ସେଠାରେ ମଧ୍ୟ ଶ୍ରୀ ମୋଦୀ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରସମନ ବଳ – ଏନ୍.ଡି.ଆର୍.ଏଫ୍., ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବଳ – ଏସ୍.ଡି.ଆର୍.ଏଫ୍. ଏବଂ ଆପଦା ମିତ୍ରମାନଙ୍କ ସହ ଆଲୋଚନା କରିବେ ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ପଞ୍ଜାବ ସରକାର ୨୦ ହଜାର କୋଟି ଟଙ୍କାର ରିଲିଫ୍ ପ୍ୟାକେଜ୍ ଘୋଷଣା କରିବାକୁ ପୂର୍ବରୁ ଅନୁରୋଧ କରିଛନ୍ତି । ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି । ସେ କହିଛନ୍ତି, ପଞ୍ଜାବ ମୁଖ୍ୟ ଶାସନ ସଚିବଙ୍କଦ୍ୱାରା କ୍ଷୟକ୍ଷତି ରିପୋର୍ଟ ଦାଖଲ ପରେ କେନ୍ଦ୍ର ସରକାର ପାଣ୍ଠି ପ୍ରଦାନ କରିବେ । ଇତିମଧ୍ୟରେ ରାଜ୍ୟରେ ବନ୍ୟା ପରିସ୍ଥିତି କ୍ରମଶଃ ନିୟନ୍ତ୍ରଣକୁ ଆସୁଛି । ଭାକ୍ରା ଏବଂ ପଙ୍ଗ ଡ୍ୟାମ୍‌ରୁ ବନ୍ୟା ଜଳ ନିୟନ୍ତ୍ରଣ କରାଯାଉଛି । ରାଜ୍ୟର ୨ ହଜାର ୫୦ ଗ୍ରାମର ପ୍ରାୟ ୩ ଲକ୍ଷ ୮୭ ହଜାରରୁ ଅଧିକ ଲୋକ ବନ୍ୟା ପ୍ରଭାବିତ ହୋଇଥିବା ଜଣାପଡ଼ିଛି ।

## ଇଣ୍ଡିଆ-ନ୍ୟୁଜିଲାଣ୍ଡ

ଭାରତ ଓ ନ୍ୟୁଜିଲାଣ୍ଡ ବୈଦେଶିକ କାର୍ଯ୍ୟାଳୟ ମଧ୍ୟରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଉଭୟ ପକ୍ଷ ଦ୍ୱିପକ୍ଷିୟ ସମ୍ପର୍କ, ସୁରକ୍ଷା ଏବଂ ପ୍ରତିରକ୍ଷା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶିକ୍ଷା, କୃଷି, ପାରମ୍ପରିକ ଔଷଧ, ଜଳବାୟୁ ପରିବର୍ତ୍ତନ, କ୍ରୀଡ଼ା ଏବଂ ଲୋକସମ୍ପର୍କ ନେଇ ଆଲୋଚନା କରିଥିଲେ । ବୈଦେଶଇକ ମନ୍ତ୍ରଣାଳୟର ସଚିବ ଡକ୍ଟର ନିନା ମାଲହୋତ୍ରା ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିବା ବେଳେ ନ୍ୟୁଜିଲାଣ୍ଡର ବୈଦେଶିକ ମନ୍ତ୍ରଣାଳୟ ଓ ବାଣିଜ୍ୟ ବିଭାଗର ଉପସଚିବ ଗ୍ରାହାମ୍ ମୋର୍ଟନ୍ ନ୍ୟୁଜିଲାଣ୍ଡ ଦଳର ପ୍ରତିନିଧିତ୍ୱ କରୁଥିଲେ ।

ବୈଠକରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ସମୟରେ ହୋଇଥିବା ବୁଝାମଣା ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ଉଭୟ ଦେଶ ମଧ୍ୟରେ ପରବର୍ତ୍ତୀ ବୈଠକ ୱେଲିଂଟନ୍‌ରେ ହେବ ବୋଲି ସୂଚନା ମିଳିଛି ।

## ନେପାଳ ପ୍ରୋଟେଷ୍ଟ

ନେପାଳ ସରକାର ସାମାଜିକ ଗଣମାଧ୍ୟମ ଗୁଡ଼ିକ ଉପରେ ଜାରି କରିଥିବା ପ୍ରତିବନ୍ଧକ ପ୍ରତ୍ୟାହାର କରିଛନ୍ତି । ଗତକାଲି ଏହି ନିଷ୍ପତ୍ତିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ ସମୟରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦୦ରୁ ଅଧିକ ଆହତ ହୋଇଛନ୍ତି । ନେପାଳ ଯୋଗାଯୋଗ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପୃଥ୍ୱୀ ସୁବା ଗୁରୁଙ୍ଗ ଘୋଷଣା

କରିଛନ୍ତି ଯେ ସରକାର ଜରୁରୀକାଳୀନ କ୍ୟାବିନେଟ୍ ବୈଠକ ପରେ ପୂର୍ବରୁ ସାମାଜିକ ଗଣମାଧ୍ୟମ ଗୁଡ଼ିକ ଉପରେ ଜାରି କରାଯାଇଥିବା ପ୍ରତିବନ୍ଧକକୁ ପ୍ରତ୍ୟାହାର କରିଛନ୍ତି । ଗୁରୁଙ୍ଗ୍ କହିଛନ୍ତି, ସରକାର ସମ୍ପୃକ୍ତ ସଂସ୍ଥା ଗୁଡ଼ିକୁ ସାମାଜିକ ଗଣମାଧ୍ୟମ ପୁନଃ ଆରମ୍ଭ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି କାଠମାଣ୍ଡୁ ସ୍ଥିତ ସଂସଦ ଆଗରେ ପ୍ରତିବନ୍ଧିତ ସାମାଜିକ ଗଣମାଧ୍ୟମ ଗୁଡ଼ିକୁ ପୁଣି ସକ୍ରିୟ କରିବା ନେଇ ପ୍ରବଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ତିନି ଦିନ ପୂର୍ବରୁ ନେପାଳ ସରକାର ଫେସ୍‌ବୁକ୍, ଏକ୍ସ ସମେତ ୨୬ଟି ସାମାଜିକ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଜାରି କରିଥିଲେ । ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ଗୁଡ଼ିକ ନେପାଳ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପଞ୍ଜୀକରଣ କରିନଥିଲେ । ଗତକାଲି ବିକ୍ଷୋଭ ପ୍ରଦର୍ଶନ ସମୟରେ ବିକ୍ଷୋଭକାରୀମାନେ ସଂସଦ ଭବନ ମଧ୍ୟକୁ ପ୍ରବେଶ କରିବାରୁ ପୁଲିସ୍ ପକ୍ଷରୁ ସେମାନଙ୍କୁ ଘଉଡ଼ାଇବା ଲାଗି ଟିଅର ଗ୍ୟାସ୍ ଓ ପାଣି ମାଡ଼ କରାଯାଇଥିଲା । ସର୍ବଶେଷ ସୂଚନା ଅନୁଯାୟୀ ଗତକାଲି ମଧ୍ୟରାତ୍ରିରେ ନେପାଳରେ ଫେସ୍‌ବୁକ୍, ଏକ୍ସ ଏବଂ ହ୍ୱାଟସ୍‌ଆପ୍ କାର୍ଯ୍ୟ କରିବା ଆରମ୍ଭ କରିଛି ।

# ପିଏନ୍‌-ଜେରୁଜେଲମ୍

ଜେରୁଜେଲମ୍‌ରେ ନିର୍ଦ୍ଦୋଷ ନାଗରିକମାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ସମସ୍ତ ପ୍ରକାରର ଆତଙ୍କବାଦୀକୁ ନିନ୍ଦା କରେ ଏବଂ ଆତଙ୍କବାଦ ପ୍ରତି ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରେ । ପ୍ରଧାନମନ୍ତ୍ରୀ ପିଡ଼ିତ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି ।

ଇସ୍ରାଏଲ୍‌ରେ ଗତକାଲି ଜେରୁଜେଲମ୍ ରାମୋଟ୍ ଜଙ୍କସନ୍‌ରେ ଗୁଳିକାଣ୍ଡରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା । ଗଣମାଧ୍ୟମ ରିପୋର୍ଟ୍ ଅନୁଯାୟୀ ଘଟଣା ସ୍ଥଳରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ହସ୍ପିଟାଲ୍‌ରେ ପଞ୍ଚମ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ସୂଚନା ଅନୁଯାୟୀ ଏହି ଗୁଳିକାଣ୍ଡରେ ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁଳିକାଣ୍ଡ ଘଟାଇଥିବା ଦୁଇ ଜଣଙ୍କ ପୁଲିସ୍ ଗୁଳିରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

# ମରିସସ୍ ପିଏମ୍ ଭିଜିଟ୍

ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍ ଏବଂ ତାଙ୍କ ପତ୍ନୀ ବୀଣା ରାମଗୁଲାମ୍ ଆଜିଠାରୁ ୮ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଚଳିତ ପ୍ରଧାନମନ୍ତ୍ରୀତ୍ୱ କାଳରେ ଡକ୍ଟର ରାମଗୁଲାମ୍ଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ । ସେ ପୂର୍ବରୁ ୨୦୧୪ ମେ ମାସରେ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେଇଥିଲେ । ଆଜିଠାରୁ ଆରମ୍ଭ ହେଉଥିବା ଗସ୍ତ କାଳରେ ଡକ୍ଟର ରାମଗୁଲାମ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେ ମଧ୍ୟ ଦୁଇ ଦେଶ ମଧ୍ୟରେ ବିସ୍ତାରିତ ରଣନୈତିକ ସହଭାଗିତା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଲୋଚନା କରିବେ । ଗସ୍ତ କାଳରେ ମରିସସ୍ ପ୍ରଧାନମନ୍ତ୍ରୀ ମୁମ୍ବାଇ, ବାରାଣସୀ, ଅଯୋଧ୍ୟା ଏବଂ ତିରୁପତି ଗସ୍ତ କରିବା ସହ କେତେକ ବାଣିଜ୍ୟିକ ମଣ୍ଡଳୀ ବୈଠକରେ ଯୋଗଦେବେ ।

# ଜିଏସ୍‌ଟି ରିଫର୍ମ-ଟେକ୍ସଟାଇଲ୍

ଗତମାସ ୧୫ ତାରିଖରେ ନୂଆଦିଲ୍ଲୀର ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରକୁ ଜିଏସ୍‌ଟି ପରିଷଦ ସଫଳ ଭାବେ

କାର୍ଯ୍ୟକାରୀ କରିଛି । ଗତ ୩ ତାରିଖରେ ଅନୁଷ୍ଠିତ ପରିଷଦ ବୈଠକରେ ୪ ଥାକିଆ ଜିଏସଟି ସ୍ଲାବକୁ କେବଳ ୫ ଏବଂ ୧୮ ପ୍ରତିଶତ ଭଳି ଦୁଇଟି ସ୍ଲାବରେ ସୀମିତ ରଖାଯାଇଛି । ଜନସାଧାରଣଙ୍କ ଜୀବନଧାରଣକୁ ସହଜ କରିବା ପାଇଁ ଅନେକ ଗୁଡ଼ିଏ କ୍ଷେତ୍ରରେ ଜିଏସଟି ହାର ସଂପୂର୍ଣ୍ଣ ଉଚ୍ଛେଦ କରାଯାଇଥିବା ବେଳେ ଆଉ କେତେକ କ୍ଷେତ୍ରରେ ଏହାକୁ ହ୍ରାସ କରାଯାଇଛି । ପ୍ରସାଧନ ସାମଗ୍ରୀ କ୍ଷେତ୍ରରେ ମଧ୍ୟ ଏହି ଜିଏସଟି ସଂସ୍କାର ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ମତ ପ୍ରକାଶ ପାଇଛି ।

ଜି.ଏସ୍.ଟି. ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଅନେକ ପ୍ରସାଧନ ସାମଗ୍ରୀ ଉପରେ ଜି.ଏସ୍.ଟି. ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । କେଶ ତୈଳ, ସାମ୍ପୋ, ସେଭିଂ କ୍ରିମ୍, ସେଭିଂ ଲୋସନ୍, ଟୁଥ୍‌ପେଷ୍ଟ, ଦେହଲଗା ପାଉଡର୍ ଏବଂ ଫେସ୍ ପାଉଡର୍ ଶସ୍ତା ହୋଇଛି । ଦାନ୍ତଘଷା ପାଉଡର୍ ଉପରେ ମଧ ଜି.ଏସ୍.ଟି. ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ସାଧାରଣ ଲୋକଙ୍କ ପ୍ରସାଧନ ସାମଗ୍ରୀ ବ୍ୟବହାର ଅଭ୍ୟାସକୁ ଏହା ବୃଦ୍ଧି କରିବ ବୋଲି କୁହାଯାଇଛି । ସାଧାରଣ ଜନତା ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରିବା ସହ ଭାରତ ଭଳି ଦେଶରେ ପ୍ରସାଧନ ସାମଗ୍ରୀ ଉପରେ ଟିକସ ହ୍ରାସ ସଂଚୟର ଅଭ୍ୟାସକୁ ପ୍ରୋତ୍ସାହିତ କରିବ ବୋଲି ମତପ୍ରକାଶ ପାଇଛି ।

# ସ୍ପୋର୍ଟସ୍ ରାଉଣ୍ଡଅପ୍

ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତ ପୁଣି ଟାଇଟଲ ହାସଲ କରିବା ପରେ ଖେଳ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ତେବେ କ୍ରିକେଟ୍, ବ୍ୟାଡ୍‌ମିଣ୍ଟନ୍ ଏବଂ ଫୁଟବଲ୍‌ରେ ମଧ୍ୟ ଭାରତ ଉନ୍ନତମାନର କ୍ରୀଡ଼ା ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି । ଆସନ୍ତୁ ଶୁଣିବା ଏକ ରିପୋର୍ଟ୍–

# ସ୍ପୋର୍ଟସ୍ ରାଉଣ୍ଡଅପ୍ ରିପୋର୍ଟ୍

ଆବୁଧାବିରେ ଆଜି ୧୭ତମ ଏସିଆକପ୍ କ୍ରିକେଟ୍ ଆରମ୍ଭ ହେବ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ଏବଂ ହଂକଂ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଛନ୍ତି । ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ହେବାକୁ ଥିବା ଏହି ପ୍ରତିଯୋଗିତା ଆସନ୍ତା ବର୍ଷ ହେବାକୁ ଥିବା ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଭାବରେ ବିବେଚନା କରାଯାଉଛି । ଗ୍ରୁପ୍-ଏରେ ଭାରତ, ପାକିସ୍ତାନ, ଓମାନ ଏବଂ ୟୁ.ଏ.ଇ. ଥିବାବେଳେ ଗ୍ରୁପ୍-ବିରେ ଶ୍ରୀଲଙ୍କା, ଆଫ୍‌ଗାନିସ୍ତାନ, ହଂକଂ ଏବଂ ବାଂଲାଦେଶ ରହିଛନ୍ତି ।

ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ କ୍ରିକେଟ୍ ଦଳ ତାର ଅଭିଯାନ ଆରମ୍ଭ କରିବ ।

ତାଜିକସ୍ତାନର ହିସୋର୍ କେନ୍ଦ୍ରୀୟ ଷ୍ଟାଡିୟମ୍‌ରେ କାଫା ନେସନ୍ସ କପ୍ ଫୁଟବଲ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଲାଗି ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଓମାନ୍‌କୁ ପରାସ୍ତ କରିଛି । ଉଭୟ ଦଳ ପ୍ରଥମେ ଗୋଟିଏ ଲେଖାଏଁ ଗୋଲ୍ କରିଥିବା ବେଳେ ପେନାଲ୍ଟି ସୁଟ୍‌ଆଉଟ୍‌ରେ ଭାରତ ୩-୨ ଗୋଲ୍‌ରେ ବିଜୟୀ ହୋଇଥିଲା ।

ଆଜିଠାରୁ ହଂକଂ ଓପନ୍ ୨୦୨୫ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଆରମ୍ଭ ହେବ । ଏଥିରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ପି.ଭି. ସିନ୍ଧୁ ଭାରତର ନେତୃତ୍ୱ ନେବେ । ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସିନ୍ଧୁ ଡେନ୍‌ମାର୍କର ଲାଇନ୍ କ୍ରୀଷ୍ଟୋ ଫରସନ୍‌ଙ୍କ ସହ ମ୍ୟାଚ୍ ଖେଳିବେ । ପୁରୁଷ ଏକକ ବିଭାଗରେ ଲକ୍ଷ୍ୟ ସେନ୍, ଏଚ୍.ଏସ୍. ପ୍ରଣୟ, ଆୟୁଶ ସେଟ୍ଟୀ, କିଦାମ୍ବୀ ଶ୍ରୀକାନ୍ତ, ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ପ୍ରମୁଖ ଭାରତ ପକ୍ଷରୁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ବୋଲି ଜଣାପଡ଼ିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟରଂଜନ ମିଶ୍ର ।